ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ସର୍ବଭାରତୀୟ ୨୫ତମ ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା, ୨୦୨୦

ଭୁବନେଶ୍ୱର, ତା.୨୭/୦୨/୨୦୨୦ରିଖ

ସର୍ବଭାରତୀୟ ୨୫ତମ ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା ଚଳିତ ବର୍ଷ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ପ୍ରତିଯୋଗିତା ୩ ମାର୍ଚ୍ଚ ଠାରୁ ଆରମ୍ଭ ହୋଇ ୭ ମାର୍ଚ୍ଚ ୨୦୨୦ ତାରିଖରେ ଉଦ୍‌ଯାପନ ହେବ । ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୫୦୦ କର୍ମଚାରୀ ଅଂଶ ଗ୍ରହଣ କରିବେ । ପ୍ରଥମଥର ପାଇଁ ଓଡ଼ିଶାରେ ଏହି ପ୍ରତିଯୋଗିତା ୧୯୯୪ ମସିହାରେ ଅନୁଷ୍ଠିତ ହୋଇଥିଲା । ଏହି ସୁଯୋଗ ଓଡ଼ିଶା ପାଇଁ ୨ୟ ଥର ମିଳିଥିବାରୁ ଓଡ଼ିଶା ଜଙ୍ଗଲ ଓ ପରିବେଶ ବିଭାଗ କର୍ମଚାରୀମାନେ ଉତ୍ସାହର ସହିତ ସମସ୍ତ ଆୟୋଜନ ଓ ବ୍ୟବସ୍ଥା କରିଛନ୍ତି । ଏହାର ସୁପରିଚାଳନା ନିମନ୍ତେ ୧୬ଟି ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏଥିରେ ବିଭିନ୍ନ ରାଜ୍ୟରୁ ଆସୁଥିବା କ୍ରୀଡ଼ାବିତ୍‌ମାନଙ୍କ ପାଇଁ ରହିବା, ଯାତାୟାତ ଓ ଖାଦ୍ୟପେୟ ଇତ୍ୟାଦିର ସୁବନ୍ଦୋବସ୍ତ କରାଯାଇଛି । ଏହି ପ୍ରତିଯୋଗିତାରେ ଅନ୍ତର୍ଭୁକ୍ତ ହୋଇଥିବା କ୍ରୀଡ଼ାବିତ୍‌ମାନେ ୨୩ ପ୍ରକାର ଖେଳରେ ସେମାନଙ୍କର ଉତ୍କର୍ଷ ପ୍ରଦର୍ଶନ କରିବେ । ଉକ୍ତ ପ୍ରତିଯୋଗିତାଗୁଡ଼ିକ କଳିଙ୍ଗ ଷ୍ଟାଡିୟମ୍ ଓ କିଟ୍ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମ ୩ ମାର୍ଚ୍ଚ ଅପରାହ୍ଣ ୫.୩୦ ମିନିଟ୍ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ସର୍ବଭାରତୀୟ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ଠାରେ ଉଦ୍‌ଘାଟିତ ହେବ ।

ସମସ୍ତ ପ୍ରତିଯୋଗୀ ସେମାନଙ୍କର ସମ୍ପର୍କୀୟ ଏବଂ ଜନସାଧାରଣଙ୍କୁ ଉକ୍ତ ପ୍ରତିଯୋଗିତାର ଭରପୂର ଆନନ୍ଦ ନେବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଅନୁରୋଧ କରାଯାଇଛି । ଏହାବ୍ୟତୀତ ପ୍ରତିଯୋଗୀ, ଦର୍ଶକ ଏବଂ ସେମାନଙ୍କର ପରିବାର ଓ ସହଯୋଗୀମାନଙ୍କୁ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରି ସେମାନଙ୍କର ଗସ୍ତକୁ ସ୍ମରଣୀୟ କରିବାକୁ ଅନୁରୋଧ କରାଯାଇଛି ।

ଗଣମାଧ୍ୟମକୁ ସବିଶେଷ ସୂଚନା ପ୍ରଦାନ ପାଇଁ ଆଜି ଅପରାହ୍ଣରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟଙ୍କ କାର୍ଯ୍ୟାଳୟ, ଅରଣ୍ୟ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସିଏଫ୍ ଡଃ ସନ୍ଦୀପ ତ୍ରିପାଠୀ ସାମ୍ବାଦିକମାନଙ୍କୁ ଏହି ବିଶାଳ ପ୍ରତିଯୋଗିତା ସମ୍ପର୍କରେ ବ୍ୟାପକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସିଏଫ୍, କେନ୍ଦୁପତ୍ର ଶ୍ରୀ ପ୍ରଭାକର ବେହେରା, ସିସିଏଫ୍, କାମ୍ପା ଶ୍ରୀମତୀ ଉମା ନନ୍ଦୁରୀ ଉପସ୍ଥିତ ଥିଲେ ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ